# ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ


ବ୍ଲକ ନଂ -3 ଏବଂ 5, ୟୁନିଟ -1, ଭୁବନେଶ୍ୱର -751009

ଦୂରଭାଷ – 0674-2597149, 2597152 (ଅଫିସ), ଫାକ୍ସ- 0674-2597155, ୱେବସାଇଟ : www.osssc.gov.in


## ବିଜ୍ଞାପନ

**ସଂଖ୍ୟା :IIE-60/15-1334/OSSSC/ତାରିଖ-09.09.2015**

**ଜିଲ୍ଲାସ୍ତରୀୟ କନିଷ୍ଠ କିରାଣୀ ଓ ଷ୍ଟେନୋଗ୍ରାଫର ପଦବୀ ପୂରଣ ନିମନ୍ତେ ଅନ୍ ଲାଇନ ଦରଖାସ୍ତ ଆହ୍ୱାନ**

ଓଡିଶା ସରକାରଙ୍କ ବିଭିନ୍ନ ବିଭାଗ ଅଧିନସ୍ଥ ବିଭିନ୍ନ ଜିଲ୍ଲା କାର୍ଯ୍ୟାଳୟ ଗୁଡିକରେ ଥିବା ଜିଲ୍ଲାସ୍ତରୀୟ ମୋଟ ୮୦୦ ( ଆଠ ଶହ)ଟି କନିଷ୍ଠ କିରାଣୀ ଓ ୭୫ (ପଞ୍ଚସ୍ତରି)ଟି କନିଷ୍ଠ ଷ୍ଟେନୋଗ୍ରାଫର ପଦବୀରେ ଚୁକ୍ତୀ ଭିତ୍ତିକ ନିଯୁକ୍ତି ନିମନ୍ତେ ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ/OSSSC, ଭୁବନେଶ୍ୱର ଅନ୍ ଲାଇନ/online ଦରଖାସ୍ତ ଆହ୍ୱାନ କରୁଛନ୍ତି । ଏହି ପଦବୀ ଗୁଡିକର ଜିଲ୍ଲା ଓ ସଂରକ୍ଷଣ ବର୍ଗୱାରି ତାଲିକା, ପ୍ରତ୍ୟେକ ପଦବୀର ଦରମାହାର ତଥା ପାରିଶ୍ରମିକ, ବୟସ ସୀମା, ଶିକ୍ଷାଗତ ଓ ସାଧାରଣ ଯୋଗ୍ୟତା, ଦରଖାସ୍ତ କରିବା ପ୍ରଣାଳୀ ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀର ସବିଶେଷ ତଥ୍ୟ ଏହି ଆୟୋଗଙ୍କ ବିଜ୍ଞାପନ ସଂଖ୍ୟା-**1333/OSSSC/ତାରିଖ 09.09.2015** ରେ ଉଭୟ ଇଂରାଜୀ ଓ ଓଡିଆ ଭାଷାରେ OSSSC Website: www.osssc.gov.in ରେ ଉପଲବ୍ଧ କରାଯାଇଅଛି । ଆଗ୍ରହୀ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଉକ୍ତ websiteକୁ Logon କରି online ଦରଖାସ୍ତ କରିପାରିବେ । ଆବେଦନ ପତ୍ର କେବଳ ଅନ୍ ଲାଇନ ମାଧ୍ୟମରେ ଗ୍ରହଣ କରାଯିବ । ଉକ୍ତ ପରୀକ୍ଷାପାଇଁ ଅନୁସୂଚୀତ ଜାତି / ଜନଜାତି ଏବଂ ଭିନ୍ନକ୍ଷମ ପ୍ରାର୍ଥୀ / ପ୍ରାର୍ଥିନୀମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଆବେଦନକାରୀଙ୍କୁ ୧୦୦ ଟଙ୍କା (ଏକଶତ ଟଙ୍କା) ମାତ୍ର ପରୀକ୍ଷା ଫି ଦାଖଲ କରିବାକୁ ପଡିବ । ଉପରୋକ୍ତ ୱେବସାଇଟରେ ତାରିଖ **୨୬.୦୯.୨୦୧୫** ଠାରୁ ତାରିଖ **୧୬.୧୧.୨୦୧୫** ପର୍ଯ୍ୟନ୍ତ ଅନ୍ ଲାଇନ ଆବେଦନ ପତ୍ର ଉପଲବ୍ଧ ହେବ । Online ପରୀକ୍ଷା ଫି ଦାଖଲର ଶେଷ ତାରିଖ **୦୭.୧୧.୨୦୧୫** ଏବଂ ଦରଖାସ୍ତ ଗ୍ରହଣର ଶେଷ ତାରିଖ **୧୬.୧୧.୨୦୧୫** ପର୍ଯ୍ୟନ୍ତ ରଖାଯାଇଅଛି । ଉପରୋକ୍ତ ସମୟସୀମା ପରେ ଏହି ପ୍ରକ୍ରିୟା ସ୍ୱୟଂକ୍ରିୟ ଭାବେ ବନ୍ଦ ହୋଇଯିବ । ଅସମ୍ପୂର୍ଣ୍ଣ ଅନ୍ ଲାଇନ ଦରଖାସ୍ତ କିମ୍ବା କାଗଜ ଦରଖାସ୍ତ କିମ୍ବା ନିର୍ଦ୍ଧାରିତ ସମୟ ସୀମାପରେ ପ୍ରାପ୍ତ ଦରଖାସ୍ତ ଅଗ୍ରାହ୍ୟ ହେବ । ପୂରଣ ହେବାକୁ ଥିବା ପଦବୀ ସଂଖ୍ୟା ପରିବର୍ତ୍ତନ ହୋଇପାରେ ।

ଆୟୋଗଙ୍କ ଆଦେଶମତେ

ସଚିବ